ଭାରତ ସଂଘ ଏବଂ ଅନ୍ୟମାନେ

ବନାମ

ରାବିଆ ବିକାନର୍ ଇତ୍ୟାଦି

ଜୁଲାଇ 7, 1997

[କେ. ରାମାସ୍ୱାମୀ ଏବଂ ଡି. ପି. ୱାଧୱା, ନ୍ୟାୟମୂର୍ତ୍ତିଦ୍ୱୟ]

*ସେବା ଆଇନ:*

*ରେଳବାଇ କର୍ମଚାରୀମାନଙ୍କ ପାଇଁ ପାରିବାରିକ ପେନସନ ଯୋଜନା, 1964 – ଛଅ ମାସର ସେବା ପ୍ରଦାନ କରିବା ପରେ ସାମୟିକ ଶ୍ରମିକର ଅସ୍ଥାୟୀ ଶ୍ରମିକ ମାନ୍ୟତା ହାସଲ କରିବା – ଅସ୍ଥାୟୀ ପଦବୀରେ ନିଯୁକ୍ତି ପୂର୍ବରୁ ଶ୍ରମିକଙ୍କ ମୃତ୍ୟୁ – ବିଧବାଙ୍କର ପାରିବାରିକ ପେନସନ ଦାବି କରିବା – ଦର୍ଶାଯାଇଛି, ଉତ୍ତରଦାତା-ବିଧବା ପାରିବାରିକ ପେନସନ ପାଇବାକୁ ହକଦାର ନୁହଁନ୍ତି, ତଥାପି, ଯଦି ନ୍ୟାୟାଧିକରଣଙ୍କର ନିର୍ଦ୍ଦେଶ ଅନୁଯାୟୀ ତାଙ୍କୁ କୌଣସି ରାଶି ପ୍ରଦାନ କରାଯାଇଛି, ତେବେ ତାହା ଅସୁଲ କରାଯାଇପାରିବ ନାହିଁ ।*

*ରାମ କୁମାର ବନାମ ଭାରତ ସଂଘ,* **[1988] 2 SCR 138 ଏବଂ** *ଭାରତ ସଂଘ ବନାମ ସୁକାନ୍ତି ଏବଂ ଅନ୍ୟଜଣେ,* **97 ( 5) SCALE 494ଙ୍କ ଉପରେ ନିର୍ଭର କରିଥିଲେ ।**

*ପ୍ରଭାବତୀ ଦେବୀ ବନାମ ଭାରତ ସଂଘ,* **[1996] 7 SCC 27, ପ୍ରଯୁଜ୍ୟ ନୁହେଁ ।**

**ଦେୱାନୀ ଅପିଲ ଅଧିକାରିତା** : ଦେୱାନୀ ଅପିଲ ସଂଖ୍ୟା 4373/1997 ଇତ୍ୟାଦି ।

ଓ.ଏ. ସଂଖ୍ୟା 474/1994 ରେ କେନ୍ଦ୍ରୀୟ ପ୍ରଶାସନିକ ନ୍ୟାୟାଧିକରଣ, ଯୋଧପୁରଙ୍କର 8.3.96 ତାରିଖର ରାୟ ଏବଂ ଆଦେଶରୁ ।

ଉପସ୍ଥିତ ପକ୍ଷମାନଙ୍କ ପାଇଁ ଏ. ଏମ୍. ସିଂଭି, ଅତିରିକ୍ତ ମହାନ୍ୟାୟାଭିକର୍ତ୍ତା, ଏଚ୍.ଏଲ୍. ଅଗ୍ରୱାଲ, ଏ.ଡି.ଏନ୍. ରାଓ, ଅରବିନ୍ଦ କୁମାର ଶର୍ମା, ଅନୁଭା ଜୈନ, ଏସ୍. ଡବ୍ଲ୍ୟୁ. ଏ. କାଦରୀ, ଇନ୍ଦ୍ର ସାହନୀ, ଡି. ପି. ମୁଖାର୍ଜୀ, ବି.କେ. ଗୁପ୍ତା, ନନ୍ଦିନୀ ମୁଖାର୍ଜୀ, ଏସ୍. କେ. ଶ୍ରୀବାସ୍ତବ, କେ. ଏଲ୍. ଜାନଯାନୀ, ସୁମନ୍ତ ଭରଦ୍ୱାଜ, ଦେବେନ୍ଦ୍ର କୁମାର, ଜି. ଏଲ୍. ଦେବେନୀ ଏବଂ ମୃଦୁଲା ରାୟ ଭରଦ୍ୱାଜ ।

ନ୍ୟାୟାଳୟଙ୍କର ନିମ୍ନଲିଖିତ ଆଦେଶ ପ୍ରଦାନ କରାଯାଇଥିଲା :

ଅନୁମତି ପ୍ରଦାନ କରାଗଲା ।

ଅବଧାରଣ ପାଇଁ ଯେଉଁ ଆଇନଗତ ପ୍ରଶ୍ନ ଉଠିଥାଏ ତାହା ହେଉଛି: ରେଳବାଇ ପ୍ରତିଷ୍ଠାନରେ ଜଣେ ସାମୟିକ ଶ୍ରମିକଙ୍କ ବିଧବା, ଯିଏ ଛଅ ମାସର ସେବା ପ୍ରଦାନ କରିବା ପରେ ଏବଂ ଅସ୍ଥାୟୀ ଶ୍ରମିକର ମାନ୍ୟତା ପାଇବା ପରେ, କିନ୍ତୁ ଯାଞ୍ଚ ପରେ ଏକ ଅସ୍ଥାୟୀ ପଦବୀରେ ନିଯୁକ୍ତି ପାଇବା ପୂର୍ବରୁ ମୃତ୍ୟୁବରଣ କରିଥିଲେ, 1964 ପାରିବାରିକ ପେନସନ ଯୋଜନା ଅଧୀନରେ

ପାରିବାରିକ ପେନସନ ପାଇବାକୁ ହକଦାର କି ? *ରାମ କୁମାର ବନାମ ଭାରତ ସଂଘ, [1988] 2 SCR 138 at144* ରେ ଏହି ନ୍ୟାୟାଳୟଙ୍କର ଏକ ବିଚାରପୀଠ ଦ୍ୱାରା ଏହି ପ୍ରଶ୍ନ ବିଚାର କରାଯାଇଥିଲା । ଏହି ନ୍ୟାୟାଳୟ ଏହିପରି ଦର୍ଶାଇଥିଲେ :

> "ଏହା ବିଜ୍ଞ ଅତିରିକ୍ତ ମହାନ୍ୟାୟାଭିକର୍ତ୍ତାଙ୍କ ଆଭିମୁଖ୍ୟ ଯେ, ଅସ୍ଥାୟୀ ରେଳ ସେବକଙ୍କ ପାଇଁ ମଧ୍ୟ କୌଣସି ଅବସରକାଳୀନ ସୁବିଧା ଗ୍ରାହ୍ୟ ନୁହେଁ ତେଣୁ, ଅସ୍ଥାୟୀ ମାନ୍ୟତା ହାସଲ କରୁଥିବା ସାମୟିକ ଶ୍ରମିକଙ୍କ ପାଇଁ ଅବସରକାଳୀନ ସୁବିଧା ଉପଲବ୍ଧ ନୁହେଁ । ଆମକୁ ରେଳବାଇ ପ୍ରତିଷ୍ଠାନ ପ୍ରକରଣ ପୁସ୍ତିକାରେ ବିଭିନ୍ନ ବ୍ୟବସ୍ଥା ଏବଂ ପ୍ରଶାସନ ଦ୍ୱାରା ଜାରି କରାଯାଇଥିବା ବିଭିନ୍ନ ଆଦେଶ ଏବଂ ନିର୍ଦ୍ଦେଶାବଳୀ ମଧ୍ୟ ଦର୍ଶାଯାଇଛି । ଆମେ ବିଜ୍ଞ ଅତିରିକ୍ତ ମହାନ୍ୟାୟଭିକର୍ତ୍ତାଙ୍କ ସହ ସହମତ ଯେ, ଅବସରକାଳୀନ ସୁବିଧା ଉଭୟ ବର୍ଗର କର୍ମଚାରୀଙ୍କ ପାଇଁ ଗ୍ରହଣୀୟ ନୁହେଁ ।

ଏହି ପ୍ରଶ୍ନକୁ ଅନୁଧ୍ୟାନ କରିବା ପରେ ରେଳବାଇ ବୋର୍ଡ ଅକ୍ଟୋବର 26,1965 ତାରିଖର S. No. 3214-Circular No. 720- E/ 0-IX (ପେନସନ) ଥିବା ଚିଠିରେ ଦର୍ଶାଇଥିଲା ଯେ, "ରେଳବାଇ କର୍ମଚାରୀଙ୍କ ପାଇଁ ପାରିବାରିକ ପେନସନ ଯୋଜନା, 1964 ପେନସନ ଯୋଗ୍ୟ ପ୍ରତିଷ୍ଠାନରେ ନିୟମିତ କର୍ମଚାରୀଙ୍କ କ୍ଷେତ୍ରରେ ଲାଗୁ ହେବ । ଯେହେତୁ, ସାମୟିକ ଶ୍ରମିକମାନଙ୍କୁ କେବଳ ନିୟମିତ ଅସ୍ଥାୟୀ ପଦବୀ ସହିତ ସେମାନଙ୍କର ଅନ୍ତର୍ଭୁକ୍ତି ଉପରେ ପେନସନ ଯୋଗ୍ୟ ପ୍ରତିଷ୍ଠାନକୁ ଅଣାଯିବ, ଏହା ଅନୁସରଣ କରେ ଯେ, ସେମାନେ ନିୟମିତ ଅସ୍ଥାୟୀ ପଦବୀ ବିରୁଦ୍ଧରେ ସେମାନଙ୍କର ଅନ୍ତର୍ଭୁକ୍ତି ତାରିଖ ଠାରୁ ଯୋଜନାର ପରିସରଭୁକ୍ତ ହେବେ । ଅନ୍ୟ ଅର୍ଥରେ, ରେଳବାଇ କର୍ମଚାରୀଙ୍କ ପାଇଁ ପାରିବାରିକ ପେନସନ ଯୋଜନା, 1964ର ସୁବିଧାଗୁଡ଼ିକ ସେପରି ଜଣେ କର୍ମଚାରୀଙ୍କ ଚାକିରିରେ ଥିବା ସମୟରେ ମୃତ୍ୟୁ କ୍ଷେତ୍ରରେ ଗ୍ରହଣୀୟ ହେବ, କେବଳ ଯଦି ସେ ଏକ ନିୟମିତ ଅସ୍ଥାୟୀ ପଦବୀରେ ଅନ୍ତର୍ଭୁକ୍ତ ହେବା ତାରିଖ ଠାରୁ ସର୍ବନିମ୍ନ ଏକ ବର୍ଷର ନିରନ୍ତର ସେବା ଅବଧି ପୂରଣ କରିଥାନ୍ତେ ।

ଉତ୍ତରଦାତା-ବିଧବାଙ୍କ ପାଇଁ ବିଜ୍ଞ ଅଧିବକ୍ତାଙ୍କ ଦ୍ୱାରା ଏହା ଯୁକ୍ତି କରାଯାଇଛି ଯେ, ରେଳବାଇ ପ୍ରତିଷ୍ଠାନ ପ୍ରକରଣ ପୁସ୍ତକର ଅନୁଚ୍ଛେଦ 2511 ଅନୁଯାୟୀ - "ସାମୟିକ ଶ୍ରମିକ ଯେଉଁମାନେ, ଛଅ ମାସର ନିରନ୍ତର ସେବା ସମାପ୍ତ କରିବା ପରେ ଅସ୍ଥାୟୀ ଭାବରେ ବିବେଚିତ ହୁଅନ୍ତି ତାଙ୍କ ପାଇଁ ଗ୍ରହଣୀୟ ଅଧିକାର ଏବଂ ବିଶେଷାଧିକାରରେ", ସେମାନେ ପାରିବାରିକ ଅବସରକାଳୀନ ଭତ୍ତା ପାଇବା ପାଇଁ ହକଦାର ଅଟନ୍ତି । ଏହି ଯୁକ୍ତିକୁ ସ୍ୱୀକାର କରିବା ଆମ ପାଇଁ କଷ୍ଟକର ମନେହୁଏ । ଏହା ଦେଖିବାକୁ ମିଳିଛି ଯେ, ଛଅ ମାସ ପାଇଁ ରେଳବାଇ ପ୍ରଶାସନରେ ନିଯୁକ୍ତ ପ୍ରତ୍ୟେକ ସାମୟିକ ଶ୍ରମିକ ଅସ୍ଥାୟୀ ମାନ୍ୟତା ପାଇବାକୁ ହକଦାର ଅଟନ୍ତି । ଏହା ପରେ, ସେମାନଙ୍କୁ ସୂଚୀଭୁକ୍ତ କରାଯିବ । ସୂଚୀଭୁକ୍ତ ହେବା ପରେ, ସେମାନଙ୍କୁ ସକ୍ଷମ କର୍ତ୍ତୃପକ୍ଷଙ୍କ ଦ୍ୱାରା ଯାଞ୍ଚ କରାଯିବା ଆବଶ୍ୟକ ଏବଂ ଯେତେବେଳେ ନିୟମିତ ପ୍ରତିଷ୍ଠାନରେ ଅସ୍ଥାୟୀ ପଦବୀ ପାଇଁ ଖାଲିଥିବା ସ୍ଥାନ ଉପଲବ୍ଧ ହେବ, ଯାଞ୍ଚ ପରେ ସେମାନଙ୍କୁ ଯୋଗ୍ୟତା କ୍ରମରେ ନିଯୁକ୍ତ କରାଯିବା ଉଚିତ । ସେମାନଙ୍କର ନିଯୁକ୍ତି ସମୟରେ, ସେମାନଙ୍କୁ ମଧ୍ୟ ଅସ୍ଥାୟୀ ପଦବୀରେ ସର୍ବନିମ୍ନ ଏକ ବର୍ଷର ସେବା ପ୍ରଦାନ କରିବାକୁ ପଡ଼ିବ । ଉପରୋକ୍ତ ସ୍ଥିତିକୁ ଦୃଷ୍ଟିରେ ରଖି, ଯଦି ସେହି କର୍ମଚାରୀମାନଙ୍କ ମଧ୍ୟରୁ କେହି ଆବଶ୍ୟକ ସର୍ବନିମ୍ନ ଏକ ବର୍ଷର ଚାକିରିରେ ଥିଲେ, ତାହା ମଧ୍ୟ ଅସ୍ଥାୟୀ ପଦବୀରେ ନିଯୁକ୍ତି ପରେ, ଯଦି ଚାକିରିରେ ଥିବାବେଳେ ମୃତ୍ୟୁବରଣ କରନ୍ତି, ତେବେ ତାଙ୍କ ବିଧବା ପତ୍ନୀ ପରିବାର ପେନସନ ଯୋଜନା, 1964 ଅଧୀନରେ ଅବସରକାଳୀନ ଭତ୍ତା ପାଇବାକୁ ଯୋଗ୍ୟ ହେବେ ।

ଏହି ସମସ୍ତ ମାମଲାଗୁଡ଼ିକରେ, ଯଦିଓ ସେମାନଙ୍କ ମଧ୍ୟରୁ କେତେକଙ୍କୁ ଯାଞ୍ଚ କରାଯାଇଛି, ତଥାପି ନିଯୁକ୍ତି ଦିଆଯାଇ ନଥିଲା କାରଣ ଅସ୍ଥାୟୀ ପଦବୀଗୁଡ଼ିକ ସ୍ପଷ୍ଟ ଭାବରେ ଉପଲବ୍ଧ ନଥିଲା କିମ୍ବା କେତେକ କ୍ଷେତ୍ରରେ ସେମାନେ ଯାଞ୍ଚ ପାଇଁ ଯୋଗ୍ୟ ମଧ୍ୟ ନଥିଲେ କାରଣ ପଦବୀଗୁଡ଼ିକ, ମୃତ୍ୟୁ ପରେ ଉପଲବ୍ଧ ହୁଏ । ଏଭଳି ପରିସ୍ଥିତିରେ, ଉତ୍ତରଦାତା-ବିଧବାମାନେ ପରିବାର ପେନସନ ସୁବିଧାଗୁଡ଼ିକ ପାଇବାକୁ ଯୋଗ୍ୟ ନୁହନ୍ତି ।

ବିଜ୍ଞ ଅଧିବକ୍ତା, *ପ୍ରଭାବତୀ ଦେବୀ ବନାମ ଭାରତ ସଂଘ,* [1996] 7 SCC 27ର ରାୟ ଉପରେ ଦୃଢ଼ ଭାବେ ନିର୍ଭର କରିଥିଲେ । ସେଥିରେ ତଥ୍ୟ ଥିଲା ଯେ, 1981 ମସିହା ଠାରୁ 1993 ମସିହା ଏପ୍ରିଲ 27 ତାରିଖ ପର୍ଯ୍ୟନ୍ତ, ଅପିଲକାରୀଙ୍କ ସ୍ୱାମୀ ଅସ୍ଥାୟୀ ସାମୟିକ ଭାବେ କାର୍ଯ୍ୟ କରୁଥିଲେ ଏବଂ ରେଳବାଇ ପ୍ରକରଣ ପୁସ୍ତିକାର ନିୟମ 2315 ଅନୁଯାୟୀ, ଯେଉଁ ପଦବୀରେ ସେମାନେ ନିଯୁକ୍ତ ଥିଲେ, ସେହି ପଦବୀଗୁଡ଼ିକ ପାଇଁ ଲାଗୁ ହେଉଥିବା ନିୟମିତ ବେତନ ହାର ଏବଂ ଭତ୍ତାରେ, ଏକ ନିୟମିତ ପ୍ରତିଷ୍ଠାନରେ କାର୍ଯ୍ୟ କରୁଥିବା ପ୍ରତିସ୍ଥାପିତ ବ୍ୟକ୍ତିର ସ୍ଥିତି ହାସଲ କରିଥିଲେ । ଯେହେତୁ, ସେ ନିୟମିତ ପଦବୀରେ କାର୍ଯ୍ୟ କରିବା ସମୟରେ ମୃତ୍ୟୁବରଣ କରିଥିଲେ, ତାଙ୍କ ବିଧବା ପତ୍ନୀ ପେନସନ ଯୋଜନାର ସୁବିଧା ଦାବି କରିବାକୁ ଯୋଗ୍ୟ ହୋଇଥିଲେ । ତେଣୁ, ସେହି ମାମଲାରେ, ଅପିଲକାରୀଙ୍କ ସ୍ୱାମୀ ରେଳବାଇ ପ୍ରତିଷ୍ଠାନରେ ନିୟମିତ ବେତନରେ କାର୍ଯ୍ୟ କରୁଥିବା ଜଣେ ପ୍ରତିସ୍ଥାପିତ ବ୍ୟକ୍ତି ଥିଲେ । ସ୍ପଷ୍ଟତଃ, ତାଙ୍କୁ ଯାଞ୍ଚ କରାଯାଇଥିଲା ଏବଂ ଅସ୍ଥାୟୀ ସ୍ଥିତିକୁ ମଧ୍ୟ ନିଯୁକ୍ତ କରାଯାଇଥିଲା କିନ୍ତୁ ଏକ ଅସ୍ଥାୟୀ ପଦବୀରେ ନିଯୁକ୍ତି ଦେବା ପରିବର୍ତ୍ତେ, ତାଙ୍କୁ ପ୍ରତିସ୍ଥାପିତ ବ୍ୟକ୍ତି ଭାବରେ ବିବେଚନା କରାଯାଇଥିଲା ଏବଂ ନିୟମିତ ପ୍ରାର୍ଥୀ ଛୁଟିରେ ଯିବାବେଳେ ସେମାନେ ଖାଲିଥିବା ପଦବୀରେ ନିଯୁକ୍ତ ହୋଇଥିଲେ । ଏହି ପରିସ୍ଥିତିରେ, ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ଏପରି କର୍ମଚାରୀଙ୍କ ବିଧବା ପାରିବାରିକ ପେନସନର ସୁବିଧା ପାଇବାକୁ ହକଦାର ଅଟନ୍ତି । ଉପରୋକ୍ତ ଅନୁପାତ ଏଠାରେ ପୂର୍ବରୁ ଉଲ୍ଲେଖ କରାଯାଇଥିବା ମାମଲା ପାଇଁ ପ୍ରଯୁଜ୍ୟ ନୁହେଁ । ଏହି ପ୍ରଶ୍ନଟି ଜୁଲାଇ 30,1996 ରେ ନିଷ୍ପତ୍ତି ନିଆଯାଇଥିବା *ଭାରତ ସଂଘ ବନାମ ସୁକାନ୍ତି ଏବଂ ଅନ୍ୟଜଣେ,* SLP ( C) No. 3341/93 ଇତ୍ୟାଦି ମାମଲାରେ ଏହି ନ୍ୟାୟାଳୟର ଏକ ସାମ୍ପ୍ରତିକ ରାୟରେ ମଧ୍ୟ ବିଚାର କରାଯାଇଥିଲା, ଯେଉଁଥିରେ ରାମ କୁମାରଙ୍କ ମାମଲାରେ ଅନୁପାତ ଉପରେ ନିର୍ଭର କରି ଏହି ନ୍ୟାୟାଳୟ ଦର୍ଶାଇଥିଲେ ଯେ, ସାମୟିକ ଶ୍ରମିକ ଯାହାଙ୍କୁ ତାଙ୍କ ମୃତ୍ୟୁ ପର୍ଯ୍ୟନ୍ତ ନିୟମିତ କରାଯାଇ ନଥିଲା ତାଙ୍କ ବିଧବାଙ୍କୁ କୌଣସି ଅବସରକାଳୀନ ସୁବିଧା ଉପଲବ୍ଧ ନାହିଁ । ତେଣୁ, ଆମେ ଦର୍ଶାଉଛୁ ଯେ, ଉତ୍ତରଦାତାମାନଙ୍କୁ ପେନସନ ସୁବିଧା ପ୍ରଦାନ କରିବାରେ ନ୍ୟାୟାଧିକରଣଙ୍କ ଦ୍ୱାରା ନିଆଯାଇଥିବା ମତ ସ୍ପଷ୍ଟ ଭାବରେ ବେଆଇନ ଅଟେ ।

ତଦନୁସାରେ ଅପିଲଗୁଡ଼ିକୁ ଅନୁମତି ଦିଆଯାଏ ଏବଂ କିନ୍ତୁ ଏହି ପରିସ୍ଥିତିରେ, ବିନା ଖର୍ଚ୍ଚରେ ଓ.ଏ. ଗୁଡ଼ିକ ଖାରଜ ହୋଇଯାଆନ୍ତି । ତଥାପି, ଯଦି ନ୍ୟାୟାଧିକରଣଙ୍କର ନିର୍ଦ୍ଦେଶ ଅନୁଯାୟୀ କୌଣସି ରାଶି ପୂର୍ବରୁ ପ୍ରଦାନ କରାଯାଇଛି, ତେବେ ତାହା ସେମାନଙ୍କଠାରୁ ଅସୁଲ କରାଯାଇପାରିବ ନାହିଁ ।

ଆର୍. ପି. ଅପିଲଗୁଡ଼ିକୁ ଅନୁମତି ଦିଆଯାଇଛି ।

## ଅସ୍ୱୀକରଣ

"ଉପଭାଷାରେ ଅନୁବାଦିତ ରାୟ କେବଳ ମକଦ୍ଦମାରେ ପକ୍ଷଭୁକ୍ତ ବ୍ୟକ୍ତିଙ୍କର ସୀମିତ ବ୍ୟବହାର ଏବଂ ତାଙ୍କ ଆଞ୍ଚଳିକ ଭାଷାରେ ବୋଧଗମ୍ୟ ହେବା ନିମନ୍ତେ ଉଦ୍ଦିଷ୍ଟ ଏବଂ ଅନ୍ୟ କୌଣସି ଉଦ୍ଦେଶ୍ୟ ନିମନ୍ତେ ଏହା ବ୍ୟବହାର କରାଯାଇନପାରେ । ସମସ୍ତ ବ୍ୟାବହାରିକ ଏବଂ ସରକାରୀ ଉଦ୍ଦେଶ୍ୟ ନିମନ୍ତେ ରାୟର ଇଂରାଜୀ ସଂସ୍କରଣଟି ପ୍ରାମାଣିକ ବିବେଚିତ ହେବ ଏବଂ ସମସ୍ତ କାର୍ଯ୍ୟାନ୍ୱୟନ ଓ ନିଷ୍ପାଦନ ନିମନ୍ତେ ଏହା ଉପଯୁକ୍ତ ବିବେଚିତ ହେବ ।"

ଅନୁବାଦିକା : - ରଶ୍ମିତା ସାହୁ,

ଓଡ଼ିଶା ଉଚ୍ଚ ନ୍ୟାୟାଳୟ, କଟକ